# ପଞ୍ଚମ ବେଦର ନାଟ୍ୟ ଲେଖନ

ଭରତ :- ପୂର୍ବରଙ୍ଗ ସମାପ୍ତ ହୋଇ ସାରିଛି | ଚାଲ ଏବେ ସେଥିରୁ ଯାହା କିଛି ଶିଖିଲ ତାର ଅଭ୍ୟାସ କର | ଏଥିରେ ସାମାନ୍ୟ ଭୁଲ୍ ହେବା ମଧ୍ଯ ଉଚିତ୍ ନୁହଁ |

( ପୂର୍ବାଭ୍ୟାସ ଆରମ୍ଭ ହେବା ଆଗରୁ ହିଁ ପାଞ୍ଚ ଜଣ ଋଷିଙ୍କର ଗୋଟେ ଦଳ ଭରତ ମୁନିଙ୍କ ପାଖକୁ ଆସନ୍ତି )

ସମସ୍ତେ :- ପ୍ରଣାମ ସ୍ବୀକାର କରନ୍ତୁ ମୁନିବର

ଭରତ :- ସଦାସର୍ବଦା ସ୍ନେହି ହେଇକି ରୁହ | କହିବା ହୁଅନ୍ତୁ ଋଷିଗଣ , ଆଗମନର ପ୍ରୟୋଜନ କଣ ?

ପ୍ରଥମ ଋଷି :- ହେ ମୁନିବର , ଯେବେଠାରୁ ଆପଣ ନାଟ୍ୟଶାସ୍ତ୍ରର ରଚନା କଲେଣି , ସେବେଠାରୁ ଅନେକ ପ୍ରଶ୍ନ ଆମ ମନରେ ଉଙ୍କି ମାରୁଛି | ଆମ୍ଭେ ସେ ସବୁର ଉତ୍ତର ପାଇବା ପାଇଁ ଆପଣଙ୍କ ନିକଟକୁ ଆସିଅଛୁ |

ଭରତ :- ପଚାରନ୍ତୁ .....  ନିଃସଂକୋଚ ହୋଇ ପଚାରନ୍ତୁ |

ଦ୍ଵିତୀୟ ଋଷି :- (ବିନମ୍ରତା ସହକାରେ) ଗୁରୁଦେବ , .... ନାଟ୍ୟଶାସ୍ତ୍ରର ଉତ୍ପତି କିପରି ହେଲା ? ଏହାର ଉଦ୍ଦେଶ୍ୟ କଣ ?

ଭରତ :- ମୁନି ( ହସହସ ମୁଖରେ ) ଆପଣ ଅତ୍ୟନ୍ତ ସୁନ୍ଦର ପ୍ରଶ୍ନଟିଏ କଲେ | ଏହିପ୍ରଶ୍ନ କେବଳ ନାଟକ ନୁହେଁ ...... ବରଂ ଜୀବନର ସାରତତ୍ତ୍ଵକୁ ମଧ୍ଯ ବୁଝିବାର ମାଧ୍ୟମ ଅଟେ | ଯେତେବେଳେ ତ୍ରେତୟା ଯୁଗରେ ମଣିଷ କାମ ଏବଂ ଲୋଭର ବଶିଭୂତ ହୋଇ ଅଧର୍ମ ଓ ସଂଘର୍ଷ ମୁଖା ହୋଇ ଆଗେଇ ଚାଲିଲା , ସେତେବେଳେ ଇନ୍ଦ୍ରଦେବ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ କି , ଏପରି ଏକ ମାଧ୍ୟମ ହେଉ ଯେଉଁଥିରେ କି

ଦେଖିବା ଏବଂ ଶୁଣିବା ଏକାସାଙ୍ଗରେ ହୋଇପାରିବ | ଯାହାଦ୍ୱାରା ମଣିଷ ଧର୍ମ , ଅର୍ଥ , କାମ ଓ ମୋକ୍ଷର ମାର୍ଗକୁ ଫେରି ପାରିବ | ସେଥିପାଇଁ ବ୍ରହ୍ମା ନାଟ୍ୟବେଦର ଉତ୍ପତି କରିଲେ ,,, ଯାହାର ମାଧ୍ୟମ ହେଲା "ନାଟ୍ୟଶାସ୍ତ୍ର" |

ପାର୍ଶ୍ୱରୁ "ସାଧୁସାଧୁ" ର ଧ୍ୱନୀ ଗୁଞ୍ଜରିତ ହେଲା

ତୃତୀୟ ଋଷି :- କିନ୍ତୁ ଗୁରୁଦେବ ... ବେଦ ତ ସ୍ୱୟଂ ଜ୍ଞାନର ଭଣ୍ଡାର , ସାରା ଜଗତର ରହସ୍ୟ ତହିଁରେ ଲୁଚିରହିଛି | ସ୍ୱୟଂ ବେଦହିଁ ଏହି କାର୍ଯ୍ୟ ବା ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଯଥେଷ୍ଟ ଥିଲା | ତେବେ ଏହି ନୂତନ ବେଦର ପ୍ରୟୋଜନ କଣ ?

ଭରତ :- ( ଗମ୍ଭୀର ସ୍ୱରରେ ) ଏଥିପାଇଁ କି .... ତାହା ସମସ୍ତ ଜନସାଧାରଣଙ୍କ ପାଇଁ ସୁଲଭ ହେବ | ସାଧାରଣ ଜନତାଙ୍କୁ ଶିକ୍ଷା ର ମାର୍ଗରେ ଓ ଧର୍ମର ପଥରେ ସହଜରେ ବାଟ ଦେଖେଇ ହେବ | ଏହି ମଙ୍ଗଳ ଉଦ୍ଦେଶ୍ୟ ନେଇ ଜଗତ ପିତା ବ୍ରହ୍ମା ଚାରିବେଦ ମିଶ୍ରଣରେ ନାଟ୍ୟବେଦର ରଚନା କଲେ |

ଚତୁର୍ଥ ଋଷି :- ( ଆଶ୍ଚର୍ଯ୍ୟ ସହକାରେ ) ଚାରିବେଦର ତତ୍ତ୍ୱ ?

ତାହା କ'ଣ ଗୁରୁଦେବ ???

( ନାଟ୍ୟ ଏବଂ ସଙ୍ଗୀତର ସ୍ୱର ଉଛୁଳି ପଡ଼େ )

ଭରତ :- ଆପଣ ମାନେ ନାଟକରେ ଏହି ଯେଉଁ ପାଠ ଶୁଣୁଛନ୍ତି ? ବ୍ରହ୍ମଦେବ ଏହାକୁ ଋକ୍ବେଦରୁ ନେଇଛନ୍ତି | ଏହି ସୁନ୍ଦର ସଙ୍ଗୀତର ଆଧାର ହେଉଛି ସାମବେଦ | ଯର୍ଦୁଃ ବେଦରୁ ଅଭିନୟ ଏବଂ ଅଥର୍ବ ବେଦରୁ ରସ ନେଇଛନ୍ତି | ଚାରି ବେଦରୁ କିଛି କିଛି ଅଂଶ ନେଇ ନାଟ୍ୟଶାସ୍ତ୍ରକୁ ଉତ୍ପନ୍ନ କରିଛନ୍ତି |

ପଞ୍ଚମ ରଷି :- ( ସାହାସ କରି ) ଗୁରୁଦେବ .... ତେବେ କ'ଣ ନାଟକ କେବଳ ଦେବତାଙ୍କ ଉଦ୍ଦେଶ୍ୟରେ ବନାଯାଇଛି ?

ଭରତ :- ( ହସହସ ମୁଖରେ ) ଏହି ପ୍ରସଙ୍ଗକୁ ଦାନବଗଣ ମଧ ବ୍ରହ୍ମଦେବଙ୍କ ଆଗରେ ରଖିଥିଲେ | ତେବେ ବ୍ରହ୍ମଦେବ ସେମାନଙ୍କୁ ଉତ୍ତର ଦେଲେ କି .... ନାଟ୍ୟ ଶାସ୍ତ୍ରକୁ ସମସ୍ତଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଇଅଛି | ଏହା ଦେବତା , ଦାନବ , ମାନବ ସମସ୍ତଙ୍କର ଶୁଭ , ଅଶୁଭ କାର୍ଯ୍ୟକଳାପକୁ  ଦର୍ଶାଇବା ଏହି ଶାସ୍ତ୍ରରେ ତିନି ଲୋକର ପ୍ରତିଛବି ଉପସ୍ଥିତ | ନାଟକ ତ , ଦୁଃଖରେ , ଥକାପଣରେ ତଥା ଶୋକରେ ପିଡିତ ଲୋକଙ୍କୁ ସାମାନ୍ୟ ଆରାମ ଓ ବିଶ୍ରାମ ଦେବ | ନାଟକ , ସମସ୍ତ ରସ , ସମସ୍ତ ଭାବ , ସମସ୍ତ ଶାସ୍ତ୍ର , ଶିଳ୍ପ ଓ କାର୍ଯ୍ୟର ସମ୍ମିଶ୍ରଣ ଅଟେ | ଏପରି କୌଣସି  ଜ୍ଞାନ ବା କୌଣସି କାର୍ଯ୍ୟ ନାହିଁ ଯାହା ନାଟକରେ ନ ଦିଶିବ |

ରଷି ପ୍ରଥମ :- ( ଉତ୍ସାହିତ ଭାବରେ ) ଅଦ୍ଭୁତ ! ସମସ୍ତ ରଷିଙ୍କର ସମାବେଷ ! ଲୌକିକ ଏବଂ ଅଲୌକିକ ମଧ , ବହୁଧର୍ମୀ! ସବୁ ପ୍ରାଣିଙ୍କ ଭାବର ପ୍ରତିନିଧି କଳା !

ଭରତ :- ( ଗର୍ବସହକାରେ ) ହଁ , ରଷିଗଣ , ଆମେ ନାଟକକୁ ସମସ୍ତ କଳାର ସମ୍ମିଶ୍ରଣ କହିବା ବା , କହିପାରିବା ଯେ , ନାଟକ ହେଉଛି ସମସ୍ତ କଳାର ସଂଗମ |

ଦ୍ୱିତୀୟ ରଷି :- (ଚିନ୍ତାପୂର୍ଣ ସ୍ୱରରେ) ମୁନିବର .... ସତରେ .... ନାଟ୍ୟକଳା ଏକ ଅଦ୍ଭୁତ କଳା ଅଟେ | ଏହା ସେତେ ଜରୁରି ଯେତେ ଜରୁରି ମଣିଷକୁ ବଞ୍ଚିବା ପାଇଁ ନିଶ୍ୱାଶ ନେବା | ତେବେ ଆମ ସମାଜ ଏହାକୁ ସେତେ ଗମ୍ଭୀରତା ସହିତ କାହିଁକି ଗ୍ରହଣ କରୁନାହିଁ | କଳାକୁ ଏତେ ଅନାବଶ୍ୟକ ଏବଂ ଉପେକ୍ଷିତ କାହିଁକି କରାଯାଉଛି |

ଭରତ :- ( ସ୍ନେହ ଭରା କଣ୍ଠରେ ) ଆମେ ମାନେ ତ ହେଉଛୁ କଳାକାର .... ବିଧାତା ନୁହଁ | କଳା ହେଉଛି ଆମର କର୍ମ ଆମର ଧର୍ମ | ଆମ ବିଷୟରେ ଆମ କଳା ବିଷୟରେ ତ , ବିଧାତାଙ୍କୁ ବିଚାର କରିବାକୁ ହେବ | ପ୍ରୟୋଗର ସାଧନ ଆମପାଇଁ ଅବସର ତ ବିଧାତାଙ୍କୁ ଉପଲବ୍ଧି କରିବାକୁ ପଡିବ | ନାଟକ କେବଳ କଳାନୁହେଁ , ଏହା ସମାଜର ଦର୍ପଣ ଅଟେ | ଏହା ମାନବ ସମାଜକୁ ସତ୍ୟ ଓ ନିଷ୍ଠାର ମାର୍ଗରେ ଆଗେଇ ନେବାର ଏକ ସାଧନ ଅଟେ | ରଙ୍ଗମଞ୍ଚ ,,, ଜାତି , ଧର୍ମ ଏବଂ ଭୌଗଳିକ ସୀମା ବାହାରକୁ ଯାଇ ସାରା ବିଶ୍ୱ ଆଗରେ ମାନବିକତାର ପାଠ ପଢାଏ | ଆଜିବି ରଙ୍ଗମଞ୍ଚ ସମାଜର ବିଷମ ପରିସ୍ଥିତିକୁ ଦୁରକରି ସମାଜରେ ସମାନତାର ଭାବ ସୃଷ୍ଟି କରେ | ଏବଂ ଏହି ଭାବ ନିଃସନ୍ଦେହ ଏହି ପୃଥିବୀ ପୃଷ୍ଠକୁ ସ୍ୱର୍ଗସମ ବନାଇ ପାରିବ |

ଋଷିଗଣ:- ନିଃସନ୍ଦେହ ମୁନିବର :- କଳାବିହୀନ ସମାଜ ତ ପଶୁଙ୍କର ସମାଜ ଅଟେ |

ଭରତ :- ଏହି ଅପେକ୍ଷା ଏବଂ ଆଶାକୁ ନେଇ .... କି , ସମାଜ କଳା ଏବଂ କଳାକାରଙ୍କୁ ସେହି ସମ୍ମାନ ଓ ସ୍ଥାନ ଦେବ , ଯାହାର ସେମାନେ ଅଧିକାରୀ ,,, ମୁଁ ଏହି ନାଟ୍ୟଶାସ୍ତ୍ରକୁ ପଞ୍ଚମବେଦ ନାମରେ ନାମିତ କରିଛି |

ଋଷିଗଣ :- ପଞ୍ଚମ ବେଦ ! ସମସ୍ତ ବେଦର ଜ୍ଞାନ ! ( ମଞ୍ଚ ପଛପଟୁ ସଙ୍ଗୀତର ସ୍ୱର ଭାସିଆସେ )|

ଭରତ :- ଋଷିଗଣ ,,, ମୋର ରଙ୍ଗକର୍ମି ପୁତ୍ରମାନେ ଆପଣ ମାନଙ୍କ ସ୍ୱାଗତ ନିମନ୍ତେ ନିଜର ପ୍ରସ୍ତୁତି ସାରି ଆପଣଙ୍କ ପ୍ରତୀକ୍ଷା କରିଛନ୍ତି | ଯାଆନ୍ତୁ ଏବଂ ନାଟକର ଆନନ୍ଦ ଉଠାନ୍ତୁ |

( ସମସ୍ତେ ମଞ୍ଚର ପରିକ୍ରମା କରନ୍ତି ଏବଂ ଭରତବାକ୍ୟ ନିମନ୍ତେ ଠିଆ ହୋଇ ଯାଆନ୍ତି)

ବୃଦ୍ଧି ହେଉ ଏହି ରାଷ୍ଟ୍ରର , ଆଶା ସଭିଙ୍କର ପୂର୍ଣହେଉ ଖୁସି ଏବଂ ଆନନ୍ଦ ଜଗତରେ ସଦାସର୍ବଦା ସମ୍ପୂର୍ଣ ରହୁ ମାଟି ସର୍ବଦା ଫୁଲଫଳରେ ହସୁଥାଉ ଓ ଉପରେ ନିର୍ମଳ ଆକାଶ ଥାଉ ସ୍ୱଜନ ସର୍ବଦା ନିର୍ଭୟ ରହୁ ଓ ଦୁର୍ଜନର ନାସ ହେଉ

ସମାପ୍ତ